
# ଚୈତ୍ର ମଙ୍ଗଳବାର ଓଷା

## chaitra mangaLabAra oShA



# ଚୈତ୍ର ମଙ୍ଗଳବାର ଓଷା

*Festivals of Odisha #**101***
***ver 1.0_051607***

*Publisher :- www.odia.org*
*Price :- Priceless*

*Not for any business use*



# *chaitra mangaLabAra oShA*

*Goddess Mangala is worshipped on Tuesdays in the lunar month of Chaitra. In the myth one untouchable women belonging to the scavenger community known as '"Shriya" used to offer wine, meat and eggs to Mangala. She once saw the inauspicious face of the Raja of the land and expressed her fear in disgust. The Raja got all her sons crushed under a husking lever. But they were restored to life by the grace of Mangala. The Raja learnt a lesson and his queen worshipped Mangala and was blessed with sons.*

## ଚୈତ୍ର ମଙ୍ଗଳବାର ଓଷା

ବନ୍ଦଇ ଶାରଳା ମାଗୋ ତୁମ୍ଭ ଶ୍ରୀଚରଣ । ଲେଖୁଅଛି ପଦମାନ କହିଦେବ ପୁଣ ।। ନମଇଁ ଶାରଳା ମାଗୋ ଶିବର ଘରଣୀ । ଝଙ୍କଡ଼ପୁର ବାସିନୀ ମହିଷା ମର୍ଦ୍ଦିନୀ ।। ଅମ୍ବିକା କାଳିକା ବେତାଳିକା ତୋର ନାମ । ଦୁର୍ଗା ମହାମାୟୀ ଗୋ ମଙ୍ଗଳା ତୋର ନାମ ।। ଜୟ ଶ୍ରୀମଙ୍ଗଳା ମାଗୋ ମାତ କାତ୍ୟାୟିନୀ । ସଙ୍ଗତରେ ରଖିଅଛ ଚଉଷଠି ଯୋଗ୍ନି । ମୁହିଁ ମୂର୍ଖ ଅପାଣ୍ଡୁକ ନ ଜାଣଇ କିଛି । କଣ୍ଠରେ ବସିଣ ପଦ କହିଦେବ ବାଛି ।

## ଅର୍ଜୁନ ଉବାଚ

ଅର୍ଜୁନ ବୋଲନ୍ତି ତୁମ୍ଭେ ଶୁଣ ଦାସରଥି । ବୁଝାଇଣ କହ ମୋତେ ମଙ୍ଗଳାର ସ୍ଥିତି ।। ଶ୍ରୀହରି ବୋଲନ୍ତି ତୁମ୍ଭେ ଶୁଣ ହେ ଅର୍ଜୁନ । ଆଣ୍ଟୁକୁଡ଼ା ରାଜାକୁ ଯେ ଦେଲେ ପୁତ୍ରଦାନ, ମୋହର ଚରଣେ ତାଙ୍କ ନ ବଳଇ ମନ । ତେଣୁ କରି ଆଣ୍ଟୁକୁଡ଼ା ହେଲେ ସର୍ବଜନ ।। ଏକମନ ହୋଇ ଯେଣୁ ନ ଭଜିଲେ ମୋତେ । ତେଣୁ କରି ମଙ୍ଗଳା ଯେ ଗଲେକ ତୁରିତେ । ଦିବ୍ୟରୂପେ ତେଜି ମାୟା ବୃଦ୍ଧା ସ୍ୱରୂପ ହୋଇ । ଖସୁ ମେଞ୍ଚା ମେଞ୍ଚା ଆଖି ପିଛଡ଼ା ବହଇ । କନା ଯେ କତରା ମାଏ ପରିଧାନ କଲେ । କେନ୍ଦୁ ଯେ କଇଁଥ ଚାର ଘେନିଣ ଚଳିଲେ ।। ସେଦିନ ଯେ ମଙ୍ଗଳାଙ୍କ ପୂଜାବିଧି ଦିନ । ତେଣୁକରି ବିଜୟ କରିଲେ ତତ୍‌କ୍ଷଣ ।। ନଗ୍ର ହାଟବାଟ ବୁଲି ଡାକ ଯେ ଦିଅନ୍ତି । କେନ୍ଦୁ କେନ୍ଦୁ ଚାରନିଅ ବୋଲିଣ ବୋଲନ୍ତି ।। ତାହା ଶୁଣି ନଗ୍ରଲୋକେ ଆଣ ଗୋ ବୋଲନ୍ତି । ତାଙ୍କ ରୂପ ଦେଖି ଲୋକେ ଛି ଛି ଯେ କରନ୍ତି । ଖସୁ ମେଞ୍ଚା ମେଞ୍ଚା ଆଖି ପିଛଡ଼ା ବହୁଛି ।। ଏହାଠାରୁ କେନ୍ଦୁଚାର ନ ଘେନିବା କିଛି । କେନ୍ଦୁଚାର ତାହାଠାରୁ କେହି ନ କିଣିଲେ । ତାହା ଶୁଣି ମଙ୍ଗଳା ଯେ ବିଜେ କରିଗଲେ ।। ହାଟଦାଣ୍ଡ ନଗ୍ରଲୋକେ କେହି ନ କିଣିଲେ । ଏଣୁକରି ମହାମାୟା ବିରସ ହୋଇଲେ ।। ମନେ ମନେ ବିଚାର କରନ୍ତି ମହାସତୀ । ରାଜାର ନଗ୍ରକୁ ବୁଲିଗଲେକ ତଡ଼ିତ । ରାଜାର ନବରେ ଯାଇ ପ୍ରବେଶ ହୋଇଲେ । କେନ୍ଦୁ ଚାର ନିଅ ବୋଲି ବୋଲିଣ ବୋଇଲେ ।। ଛି ଛି ଦୂର କରି ତାଙ୍କୁ ଘଉଡ଼ିଲେ

ଯହୁଁ । ରାଜାର ନବରୁ ବିଜେ କରୁଥିଲେ ତହୁଁ ॥ ତରତର ହୋଇ ଚାଣ୍ଡାଳୁଣୀ ଯାଉଥିଲେ । ଆସୁଥିଲେ ମାଏ ତାଙ୍କୁ ବାଟରେ ଭେଟିଲେ ॥ ଚାଣ୍ଡାଳୁଣୀ ବୋଲୁଅଛି କାହୁଁ ଯେ ଅଇଲ । କେବଣ ଦେଶରୁ ତୁମ୍ଭେ ଏଥେ ବିଜେ କଲ । ମାୟେ ବୋଲୁଛନ୍ତି ତୁ ଲୋ ଶୁଣ ଚାଣ୍ଡାଳୁଣୀ । ନଗ୍ର ନରନାରୀ ମୋତେ ନ ଚିହ୍ନିଲେ ପୁଣି ॥ ମୁହିଁ ସର୍ବମଙ୍ଗଳା ଯେ ଘଉଡ଼ିଲେ ମୋତେ । ତୁ କେବଣ କାରଣେ ଯେ ପୁଛା କଲୁ ମୋତେ ॥ ଏହା ଶୁଣି ଚାଣ୍ଡାଳୁଣୀ ପାଦରେ ପଡ଼ିଲା । ନିସ୍ତରିଲି ନିସ୍ତରିଲି ବୋଲିଣ ବୋଇଲା ॥ ମୁହିଁ ତୁମ୍ଭ ପରବର୍ତ୍ତୀ ସେବଇ ଚରଣେ । ତୁମ୍ଭ ସେବା ଆଜି ମୁହିଁ କରିବି ଆପଣେ । ତାହା ଶୁଣି ମଙ୍ଗଳା ଯେ କେନ୍ଦୁଚାର ଦେଲେ । ଅପୁତ୍ରିକ ପୁତ୍ର ଧନ ହେଉ ଯେ ବୋଇଲେ ॥ ମୋର ସେବା ସାରି ତୁ ଖାଇବୁ କେନ୍ଦୁଚାର । ମୋତେ ସୁମରଣା କରି ଖାଇବୁଟି ଫଳ ॥ ଏତେ କହି ମଙ୍ଗଳା ଯେ ବିଜେ କରିଗଲେ । ନିଜ ଭୁବନରେ ଯାଇ ପ୍ରବେଶ ହୋଇଲେ । କେନ୍ଦୁଚାର ଘେନି ସ୍ତ୍ରୀୟା ଚାଣ୍ଡାଳୁଣୀ ଗଲା । ଉତ୍ତମ ପଦାର୍ଥମାନ ବଜାରୁ କିଣିଲା । ଖଇ ମୁଆଁ ନବାତ ଶାକର ଛେନାପଣା । ଗୁଡ ଦୁଧ ମିଶାଇ ଯେ କଦ୍ବିଲାକ କିଣା ॥ ଯତ୍ନରେ ପଦାର୍ଥମାନ ଘରକୁ ଆଣିଲା । ଚନ୍ଦନ କର୍ପୂର ଆଣି ଗୃହରେ ସଞ୍ଚିଲା ॥ ଅଗଣା ମଧ୍ୟରେ ଏକ ବେଦୀ ବନାଇଲା । ଗୋବର ଲିପିଣ ତହିଁ ଝୋଟି ଯେ ଲେଖିଲା ॥ ଜୟଶ୍ରୀ ମଙ୍ଗଳୀ ବୋଲି ଘଟେକ ସ୍ଥାପିଲା । ହଳଦୀ ଗନ୍ଧାରେ ଏକ ମୂର୍ତ୍ତି ବନାଇଲା । ଗଙ୍ଗାଜଳ ସିଞ୍ଚି ତହିଁ ବସିଲାକ ଯାଇ । ସ୍ମରଣ କରି ବସିଲା ମଙ୍ଗଳାଙ୍କୁ ଧାୟୀ । ଚାଣ୍ଡାଳୁଣୀ ହୀନ ଜାତି ଜାତି ମୋର କେଳା । କିଞ୍ଚିତ ଭକତି ମୋର ଘେନ ମା ମଙ୍ଗଳା । କେନ୍ଦୁ କେନ୍ଦୁ ଚାର ତହିଁ ଭୋଗ ଲଗାଇଲା । ଅମୃତ ପଦାର୍ଥମାନ ସବୁ ସମର୍ପିଲା । ଛେଳିମେଣ୍ଢା କୁକୁଡ଼ା ଯେ ବଳିପୂଜା କଲା । ପୂଜା ସାରି ଚଣ୍ଡାଳଣୀ ଆନନ୍ଦ ହୋଇଲା । ଫଳ ପସାଦ ନେଇଣ ଶିରରେ ଘେନିଲା । ମଙ୍ଗଳା ସୁମରି କେନ୍ଦୁଚାର ଯେ ଭକ୍ଷିଲା ॥ ପୂଜାର ପଦାର୍ଥମାନ ନେଲାକ ତଡ଼ତି । ମଙ୍ଗଳାଙ୍କୁ ସୁମରି ଭକ୍ଷିଲା ତା'ର ପତି ॥ ସେହିଦିନୁ ଚଣ୍ଡାଳୁଣୀ ଗର୍ଭବତୀ ହେଲା । ଦିନ ଗଣୁ ଗଣୁ ତହିଁ ଦଶମାସ ହେଲା ॥ ଦଶମାସ ଦଶଦିନ ହୋଇଲାକ ପୁଣି । ପେଟବ୍ୟଥା କଲା ତାର ହୋଇ କିଣିକିଣି । କୁଦିବୁଦୁ ହୋଇ ଆଉ ନ ପାରଇ ଚାଲି । ମଙ୍ଗଳାଙ୍କୁ ସୁମରି ଯେ ବୋଲେ ମରିଗଲି ॥ ରାତ୍ର ପାହି ବେଳ ତହୁଁ ସାତଘଡ଼ି ହେଲା । ଫୁଲ ଫଳେ ତାହାର ସେ ପୁତ୍ର ହିଁ ଜନ୍ମିଲା । ପୁଣି କ୍ଷଣକରେ ସେହୁ ପାଇଲାକ ଜ୍ଞାନ । ଏତେଦିନେ ମଙ୍ଗଳା ଯେ ଦେଲେ ଚକ୍ଷୁଦାନ । ନାହିଡ଼ି କାଟିଲା ପୁତ୍ର ବସାଇଲା କୋଳେ ॥ ମୁଖେ ଚୁମ୍ବ ଦେଇ ତହୁ ଆନନ୍ଦ ହୋଇଲେ । ନଗ୍ର ନରନାରୀମାନେ ସମସ୍ତ ଶୁଣିଲେ । ବୃଦ୍ଧ କାଳେ ପୁତ୍ରଦାନ ପାଇଲା ବୋଇଲେ ॥ ହେଉ ହେଉ ବୋଲିଣ ବୋଲନ୍ତି ସର୍ବଜନ । ଆନନ୍ଦ ହୋଇଲେ ଶୁଣି ନଗ୍ରନାରୀମାନ । ଦୁଇ ଚାରି ଦିନ ଯାନ୍ତେ ନାହୁଡ଼ି ଶୁଖିଲା । ଦିନଗଣି ଚାଣ୍ଡାଳୁଣୀ କାମ ତା' ସାରିଲା ॥ ହାଟଦାଣ୍ଡ ନଗ୍ର ବୁଲି କରୁଥାଇ ଡକା । କଅଁଳା ଛୁଆକୁ ଛାଡ଼ି ଅଇଲି ମୁଁ ଏକା ॥ ଏହାବୋଲି ଚାଣ୍ଡାଳୁଣୀ କ୍ଷଣେ ନ ରହଇ । ପୁତ୍ରର ମୁଖରେ ଆସି ଚୁମ୍ବନ ଦିଅଇ । ଏହିମତେ ଛ' ମାସ ବରଷେ ଗଲା ପୁଣି । ପୁଣି ଗର୍ଭବାସ ଯେ ହୋଇଲା ସେ ତରୁଣୀ । ଦଶମାସ ଦଶଦିନ ଗର୍ଭ ଯହୁଁ ହେଲା ॥ ପେଟ ବଥାଇଣ ପୁଣି ପୁତ୍ର ଜାତ କଲା । ଏହି ରୁପେ ସାତପୁତ୍ର ହୋଇଲେ ଜନମ । ଅର୍ଜୁନଙ୍କୁ ବୁଝାଇ କହନ୍ତି ଭଗବାନ । ପୁଣି ଗର୍ଭବାସ ଯେ ହୋଇଲା ଚାଣ୍ଡାଳୁଣୀ । ଦୁହିତା ଗୋଟିଏ ଜାତ ହୋଇଲାକ ପୁଣି ॥ ସାତପୁତ୍ର ଏକଝିଅ ହୋଇଲେକ ଜାତ, ମନେ ଚାଣ୍ଡାଳୁଣୀ ତହୁଁ ହୋଇଲା ଉସତ ॥ ଏବେ ବନ୍ଧୁଘର ମୁହିଁ ଖୋଜିଣ ଯିବି । ସାତ ପୁତ୍ରଙ୍କୁ ମୋହର ବିଭା

କରାଇବି । ଏତେ ଭାବି ବନ୍ଧୁଘର ଖୋଜିଣ ଦେଲେ ଜଣା । ସାତ ଯେ ପୁତ୍ରଙ୍କୁ ତାର ବିଭା କରାଇଲା । ଦୁହିତା ଗୋଟିକୁ ବିଭା କରିଦେଲା ପୁଣ । ସାତପୁତ୍ରଙ୍କର ବୋହୂ ଆଣିଲାକ ଜାଣ । ଅର୍ଜୁନ ବୋଲନ୍ତି କହନ୍ତି ଯେ ଭଗବାନ । ମଙ୍ଗଳାଙ୍କୁ ସେବି ସେ ପାଇଲା ପୁତ୍ର ଦାନ ।

## ଶ୍ରୀ ଭଗବାନ ଉବାଚ

ଶ୍ରୀକୃଷ୍ଣ ବୋଲନ୍ତି ତୁମ୍ଭେ ଶୁଣ ଆହେ ପାର୍ଥ । ଠିକ୍ ଠିକ୍ କରି ତୋତେ କହିଦେବା ତଥ୍ୟ ।। ଏଥୁ ଅନନ୍ତରେ କେତେଦିନ ବହି ଗଲା, ପ୍ରଭାତରୁ ଚାଣ୍ଡାଳୁଣୀ ନବରକୁ ଗଲା ।। କେଉଁ ଯୋଗରୁ ଘରୁ ମୁଁ ବାହାର ହୋଇଲି । ଆଣ୍ଠୁକୁଡ଼ା ରାଜାମୁଖ ଆଜି ମୁଁ ଦେଖିଲି । ଆନ୍ନ ପାଣି ଆଜି ମୋତେ ମିଳିବ କି ନାହିଁ । ଏତେ ବୋଲି ରାଣୀହଂସ ପୁରେ ମିଳେ ଯାଇ । ତାହା ଶୁଣି ମହାରାଜା ସ୍ତବ୍ଧ ହୋଇଲେ । ଚାକରମାନଙ୍କୁ ଡାକି ଗୁପତେ କହିଲେ । ଆଜ ତୁମ୍ଭେ ଚାଣ୍ଡାଳୁଣୀ ଘରଠାକୁ ଯାଅ । ରାତ୍ର ଓ ଦିବସ ତହିଁ ଜଗି ବସିଥାଅ । ଭୁଞ୍ଜିବ କି ନ ଭୁଞ୍ଜିବ ଦେଖିଥିବ ଜାଣି । ମୋହର ଆଗରେ କହିବଟି ଆସି ପୁଣି । ଏହା ଶୁଣି ଚାକର ଯେ ବେଗେ ଚଳିଗଲେ । ଚାଣ୍ଡାଳୁଣୀ ଘରଠାରେ ଜଗିଣ ବସିଲେ । ଏମନ୍ତ ସମୟେ ଶ୍ରୀୟା ଚାଣ୍ଡାଳୁଣୀ ଗଲା । ଅନ୍ନ ପାଣି କିଛି କେଉଁଠାରେ ନପାଇଲା ।। ରନ୍ଧନଶାଳାରେ ହାଣ୍ଡି ଭାଙ୍ଗିଲାକି ଯହୁଁ । ଉପବାସେ ସମସ୍ତେ ଯେ ରହିଲେକି ତହୁଁ ।। ଚାଣ୍ଡାଳୁଣୀ ଆପଣଙ୍କୁ ବହୁ ନିନ୍ଦା କରି । ତା'ର ପୁଅ ବୋହୁଙ୍କୁ କହିଲା ଏହିପରି । ଆଣ୍ଠୁକୁଡ଼ା ରାଜାମୁଖ ଯହୁଁ ମୁଁ ଦେଖିଲି । ତେଣୁକରି ଉପବାସେ ଆଜି ମୁଁ ରହିଲି । ଏହା ବୋଲି ଆପଣଙ୍କୁ ନିନ୍ଦା କଲା ସେହି । ଶୁଣିଥିବା କଥା ପ୍ରଭୁ କହିଲୁ ବୁଝାଇ ।। ତାହା ଶୁଣି ମହାରାଜା କମ୍ପିଣ ଉଠିଲେ । ତାହାର ଯେ ଗର୍ବ ମୁହିଁ ଭାଙ୍ଗିବି ବୋଇଲେ ।।

ମୋର ଆଜ୍ଞା ଘେନି ଏହି କ୍ଷଣି ଚଳିଯାଅ । ତାହା ପୁତ୍ରମାନଙ୍କୁ ହାଣି ଯେ ପକାଅ । ତାହା ଶୁଣି ଦୂତମାନେ ବେଗେ ଚଳିଗଲେ । ତାହାର ସାତ୍ପୁତ୍ରଙ୍କୁ ହାଣି ପକାଇଲେ ।। ସେ ଦିନରେ ମଙ୍ଗଳାଙ୍କ ପୂଜାବିଧି ଜାଣି । ଖଇ ମୁଆଁ ଆଣିବାକୁ ଯାଇଥିଲା ପୁଣି ।। ଲୋକେ ଯେ ବୋଇଲେ ରାଜା ମାଇଲେ ତୋ ବଂଶ । ଖଇ ମୁଆଁ ନେଇଣ ତୁ କରିବୁଟି କିସ ।। ସାତପୂଅଯାକ ତୋର ହାଣି ପକାଇଲେ । ତୋର ପୁତ୍ର ମୁଣ୍ଡମାନ କୁଳେ ବସାଇଲେ । ତାହା ଶୁଣି ଚାଣ୍ଡାଳୁଣୀ କାନ୍ଦଗୋଳ କଲା । ରାଜାର ନବରୁ କାନ୍ଦି କାନ୍ଦି ଆସୁଥିଲା । ତାହା ଶୁଣି ମଙ୍ଗଳା ଯେ ବିଜେ କରିଗଲେ । ଆସୁଥିଲା ଚାଣ୍ଡାଳୁଣୀ ବାଟରେ ଭେଟିଲେ ।। ମଙ୍ଗଳା ବୋଲନ୍ତି ତୁଲୋ କାନ୍ଦୁ କାହିଁପାଇଁ । ତୋହର ମନବାଞ୍ଛା ଯେ ପୂରାଇବି ମୁହିଁ ।। ତାହା ଶୁଣି ଚାଣ୍ଡାଳୁଣୀ କାନ୍ଦୁଅଛି ଲୋଟି । ତୁମ୍ଭର ସଞ୍ଚିଲା ମୋର ସାତପୁତ୍ର ଗୋଟି ।। ଅଦୋଷରେ ରାଜା ମୋର ପୁତ୍ରଙ୍କୁ ମାଇଲା । ଶୂଳିଆ ପଦାକୁ ଆଣି ଶୂଳି ଦିଆଇଲା । ମାୟେ ବୋଲୁଛନ୍ତି ତୁଲୋ ବେଗ ହୋଇ ଯାଯା । ମୁହିଁ ରକ୍ଷା କଲେ ପୁଣି କି କରିବ ରାଜା । ମୋର ସେବା ପୂଜା ତୁହିଁ କରୁଥିବୁ ପୁଣି । ତୋର ପୁତ୍ରମାନେ ଯେ ଆସିବେ ଏହିକ୍ଷଣି ।। ତାହା ଶୁଣି ଚାଣ୍ଡାଳୁଣୀ ବେଗେ ଚଳିଗଲା । ଖଇ ମୁଆଁ ନବାଡ ଯେ ବଜାରୁ କିଣିଲା ।। ଗୋବରେ ଲିପିଣ ଏକବେଦୀ ବନାଇଲା । ଚନ୍ଦନ କର୍ପୁର ପାଣି ତହିଁରେ ସିଞ୍ଚିଲା ।। ହଳଦୀ ଗନ୍ଧାରେ ଏକ ମୂର୍ତ୍ତି ଯେ ବନାଇ । ଜୟ ସର୍ବମଙ୍ଗଳା ଗୋ ବୋଲିଣ ବୋଲଇ ।। ଫୁଲ ଯେ ଚନ୍ଦନ ଦେଇ ପୂଜାବିଧି କଲା । ଧୂପ ଯେ ନଇବେଦ୍ୟ ଗନ୍ଧପୁଷ୍ପ ଦେଲା ।। ଦୁବ ଚାଉଳ ପକାଇ ହୁଳହୁଳି ଦେଲା । ଧୂପଦୀପ ଦେଇ ତହୁଁ ଶଙ୍ଖ ବଜାଇଲା ।। ସାତ ବୋହୂ ଘେନି ସେବା କରୁଅଛି ଯହୁଁ । ଦେଖିଣ ମଙ୍ଗଳା ଯେ ସାନନ୍ଦ ହେଲେ ତହୁଁ ।। ଉଭା ଯେ ହୋଇଣ ମାୟେ

ବିଜେକରି ଗଲେ । ତାର ପୁତ୍ରମାନଙ୍କୁ ଯେ ପ୍ରାଣ ଦାନ ଦେଲେ ॥ ସେହି ବର୍ଣ୍ଣ ସେହି ଚିହ୍ନ ତଥା ରୂପବନ୍ତ । କେହି ନ ଜାଣନ୍ତି ପ୍ରାଣେ ହୋଇଥିଲେ ହତ । କାଠପତ୍ର ମାଛଶାଗ ଘେନିଣ ଅଇଲେ । ଆପଣାର ଘରେ ଆସି ପ୍ରବେଶ ହୋଇଲେ । ତାହା ଦେଖି ଚାଣ୍ଡାଳୁଣୀ ହରଷ ହୋଇଲା । ଜନ୍ମଅନ୍ଧ ଚକ୍ଷୁଦାନ କିଅବା ପାଇଲା । ଫୁଲ ପ୍ରସାଦ ମା'ଙ୍କ ଶିରରେ ଘେନିଲେ । ଜୟ ମା' ମଙ୍ଗଳା ବୋଲି ଦଣ୍ଡବତ କଲେ ॥ ଉତ୍ତମ ପଦାର୍ଥମାନ ଭୋଗ ଦେଇଥିଲେ । ସାତ ପୁଅ ଯାକ ତାହା ଆନନ୍ଦେ ଭୁଞ୍ଜିଲେ । ତାହା ଦେଖି ଚଣ୍ଡାଳୁଣୀ ହୋଇଲା ଆନନ୍ଦ । ତାର ପୁତ୍ରଗଣ ଯେ ଖାଇଲେ ମାଂସ ମଦ ॥ ଦେଖିଥିବା ଲୋକମାନେ ତାଟକା ହୋଇଲେ । ହାଣିଥିଲେ ଯମଦୂତେ କେମନ୍ତେ ବଞ୍ଚିଲେ ॥ ତାହାଦେଖି ରାଜା ଆଗେ କହିଲେକ ଦୂତେ ହାଣିଥିବା ଲୋକମାନେ ବଞ୍ଚିଲେ କେମନ୍ତେ । ତାହା ଶୁଣି ମହାରାଜା ହୋଇଣ ସ୍ତବ୍ଧ । ପୁଣି ଆଜ୍ଞାଦେଲେ କ୍ରୋଧେ ହୋଇ ଗଦଗଦ । ଆସନ୍ତା ମଙ୍ଗଳବାରେ ତାଙ୍କୁ ମାରିଦିଅ । ଦୂରେ ତାହା ଏମନ୍ତ ଯେ ଉପାୟ କରିବ । ଖବର ତନ୍ତରେ ଯେ ପ୍ରହାର କରାଇବ । ସବୁହିଁ କାଟିବି ମାଂସ ଅସ୍ଥିହିଁ ରଖିବ ॥ ଶ୍ୱାନ ଯେ ଶୃଗାଳ ତାକୁ ଖାଇବେଟି ଝୁଣି । ଥୋକାଏ ବଡ଼ଶୀଥୋପ କରିବଟି ପୁଣି ॥ ଆଜ୍ଞାପାଇ ରାଜଦୂତେ ବେଗେ ଚଳିଗଲେ । ଯେ ଯାହାର ଘରେ ଯାଇ ପ୍ରବେଶ ହୋଇଲେ ।

## ଶ୍ରୀ ଭଗବାନ ଉବାଚ

ଏଥୁଅନ୍ତେ ଯାହାହେଲା ଶୁଣ ହେ ଅର୍ଜ୍ଜୁନ । ଆଠଦିନେ ପଡ଼ିଲା ମଙ୍ଗଳବାରେ ପୁଣ । ଏଣେ ଚାଣ୍ଡାଳୁଣୀ ପୂଜାବିଧି ଆଣି କଲା ॥ ହାଟ ବଜାର ବୁଲିଣ ପଦାର୍ଥ କିଣିଲା ॥ ଦୂତମାନେ ଗୁପତରେ ଜଗିବସିଥିଲେ । ପଞ୍ଚାର ଦନ୍ତରେ ତାକୁ ପ୍ରହାର ଯେ କଲେ । ଥୋକାଏ ମାଂସ କାଟିଣ ବନ୍ସୀ ଥୋପକଲେ । ଥୋକାଏ ଶ୍ୱାନ ଶୃଗାଳ ମୁଖରେ ମେଲିରେ । ଲୋକେ ଯେ ବୋଇଲେ ତୋର ପୁତ୍ର ନାଶ ଗଲେ । କିସ କିସ ଲୋଡ଼ା ତୁହି କରୁଛୁ ବୋଇଲେ ॥ ତାହା ଶୁଣି ଚାଣ୍ଡାଳୁଣୀ କାନ୍ଦି ଆସୁଥିଲା । ଯାଉ ଯାଉ ମାୟେ ତାଙ୍କୁ ବାଟରେ ଭେଟିଲା ॥ ମଙ୍ଗଳା ବୋଲନ୍ତି କିଲୋ କାନ୍ଦୁ କାହିଁପାଇଁ । ତୋହର ପୁତ୍ରମାନଙ୍କୁ ଦେବଇଁ ଜୀଆଇଁ ॥ ମୋର ସେବା ଅର୍ଥେ ତୁହି ବେଗକରି ଯାଅ । ଝିଅ ବୋହୂ ଘେନି ମୋର ସେବା କରୁଥାଅ ॥ ଏତେବୋଲି ମଙ୍ଗଳା ଯେ ବିଜେ କରିଗଲେ । ଅସ୍ଥି ମାଂସ ଏକଠାବ କରିଣ ରଖିଲେ ॥ ଫୁଲପାଣି ସିଞ୍ଚିଣ ଯେ ପ୍ରାଣଦାନ ଦେଲେ । ଘରକୁ ଯେ ଯାଅ ବାବୁ ବୋଲିଣ ବୋଇଲେ । ତାହା ଶୁଣି ପୋଏ ଗଲେ ବେଗେ ବେଗ ହୋଇ । ମରିଥିଲେ ବୋଲିଣ ଯେ ନ ଜାଣିଲେ କେହି ॥ ତେଣେ ଚାଣ୍ଡାଳୁଣୀ ପୂଜା ବିଧି ହିଁ ସାରିଲା । ଫୁଲ ପ୍ରସାଦ ମା'ଙ୍କର ଶିରରେ ଘେନିଲା ॥ ଜୟ ମା ମଙ୍ଗଳା ବୋଲିବାର ବେଳେ । ତା'ର ପୁତ୍ରମାନେ ଯେ ଆସିଲେ ତତ୍କାଳେ । ଚିନିମୁଆଁ ନବାତ ଶାକର ପୁଣି ଖଇ । ଆନନ୍ଦ ହୋଇଲେ ତାର ପୁଅମାନେ ଖାଇ ॥ ତାହା ଦେଖି ଦୂତମାନେ ବେଗେ ଚଳିଗଲେ । ରାଜାର ଅଗ୍ରତେ ଯାଇଁ ବେଗେ ଜଣାଇଲେ ॥ ହଣା ହୋଇଥିବା ଲୋକେ ବଞ୍ଚିଲେକ ପୁଣ । ଏହିକ୍ଷଣି ଆମ୍ଭେ ତାଙ୍କୁ ଅଇଲୁ ଦେଖିଣ ॥ ଆରେ ଦୂତେ ତୁମ୍ଭେମାନେ ଏମନ୍ତ କରିବ । ଆସନ୍ତା ମଙ୍ଗଳମାରେ ତାହାଙ୍କୁ ହାଣିବ ॥ ଢେଙ୍କିରେ କୁଟିଣ ମାଂସ ଶିଳରେ ବାଟିବ । ଏପରି କରି ତାହାଙ୍କୁ କୂପରେ ପୋତିବ ॥ ତାହା ଶୁଣି ଦୂତମାନେ ବେଗେ ଚଳିଗଲେ । ଯେ ଯାହାର ଘରେ ଯାଇ ପ୍ରବେଶ ହୋଇଲେ ॥ ଏ ଅନ୍ତରେ କିଛି ଦିନ ଗଲା ବହି । ମଙ୍ଗଳାଙ୍କ ପୂଜାଦିନ ହୋଇଲାକ ତହିଁ ॥ ଏଣେ ରାଜଦୂତେ ଠାବେ ଠାବେ ରହିଥିଲେ । ତା'ର

ସାତପୁଅଙ୍କୁ ଯେ ଖଡ଼ଗେ ହାଣିଲେ ।। ଢେଙ୍କିରେ କୁଟିଲେ ମାଂସ ଶିଳରେ ବାଟିଲେ । ସାତଟି ଗାତ ଖୋଳିଣ ତାହାଙ୍କୁ ପୋତିଲେ ।। ତହୁଁ ଆସି ରାଜଦୂତେ ଛାମୁରେ କହିଲେ । ସାତ କୂପେ ସାତ ପୁଅ ପୋତିଲୁ ବୋଇଲେ । ତାହା ଶୁଣି ମହାରାଜା ଆନନ୍ଦ ହୋଇଲେ । କେମନ୍ତ ପ୍ରକାର ସେହୁ ବଞ୍ଚିବେ ବୋଇଲେ ।। ପୋଏ ମଲେ ବୋଲି ଚାଣ୍ଡାଲୁଣୀ ନ ଜାଣଇ । ଖଇ ମୁଆଁ ନବାତ ସେ ବଜାରେ କିଣଇ ।। ଏମନ୍ତ ବେଳରେ ଲୋକେ କହିଲେକ ଥୋକେ । ତୋର ସାତ ପୁଅ ରାଜା ପୋତିଲେକ କୂପେ ।। ତାହା ଶୁଣି ଚାଣ୍ଡାଲୁଣୀ କାନ୍ଦି ଆସୁଥିଲା । ଆସୁଥିଲେ ମାୟେ ତାଙ୍କୁ ବାଟରେ ଭେଟିଲା । ମାୟେ ବୋଲୁଛନ୍ତି ତୁଲୋ କାନ୍ଦୁ କାହିଁ ପାଇଁ । ଯା ତୋର ମନବାଞ୍ଛା ପୁରାଇବି ମୁହିଁ । ତାହା ଶୁଣି ଚାଣ୍ଡାଲୁଣୀ ବେଗେ ଚଳିଗଲା । ଝିଅ ବୋହୂ ସଙ୍ଗେ ଘେନି ସେବାରେ ବସିଲା । ଏମନ୍ତ ସମୟେ ଯେ ମଙ୍ଗଳା ଚଳିଗଲେ । ତାର ପୁତ୍ରମାନଙ୍କୁ ସେ କୂପରୁ ଡାକିଲେ । କାହିଁପାଇଁ ତୁମ୍ଭେମାନେ ପଶିଛ କୂପରେ । ତୁମ୍ଭ ମାତା ପୁଅ ବୋଲି କାନ୍ଦୁଅଛି ଘରେ । ତାକ ଶୁଣି ସମସ୍ତେ ଅଇଲେ ଯେଝାମନ୍ତ । କେହି ନ ଜାଣନ୍ତି ପ୍ରାଣେ ହୋଇଥିଲୁ ହତ । ମାଛ ଶାଗ ସାତପୁଅ ଘେନିଣ ଚଳିଲେ । ଆପଣାର ଘରେ ଯାଇ ପ୍ରବେଶ ହୋଇଲେ । ତାହା ଦେଖି ଚାଣ୍ଡାଲୁଣୀ ଆନନ୍ଦ ହୋଇଲେ । ବେଗ ବେଗ କରି ପୂଜା ବିଧି ହିଁ ସାରିଲା । ତାର ପୁତ୍ରମାନଙ୍କୁ ଯେ ପ୍ରସାଦ ହିଁ ଦେଲେ । ଆନନ୍ଦ ହୋଇଣ ସର୍ବେ ଭୁଞ୍ଜିଣ ବସିଲେ । ଦେଖୁଥିଲେ ଦୂତମାନେ ରାଜାଙ୍କୁ କହିଲେ । କୂଅରେ ପୋତିଲା ଲୋକେ କେମନ୍ତେ ବଞ୍ଚିଲେ । ତାହା ଶୁଣି ମହାରାଜା ବହୁ କୋପ କଲେ । ଆସନ୍ତା ମଙ୍ଗଳବାରେ ହାଣିବ ବୋଇଲେ । ତୁଳାର ପ୍ରାୟେକ ତାଙ୍କ ମାଂସ ହିଁ କାଟିବ । ତୁଳା ପରି କରି ମାଂସ ଧୂଳିରେ ଫିଙ୍ଗିବ । ଆଜ୍ଞା ପାଇଁ ଦୂତମାନେ ବେଗେ ଚଳିଗଲେ । ଆପଣା ଆପଣା ଗୃହେ ପ୍ରବେଶ ହୋଇଲେ । ଏଥୁ ଅନନ୍ତରେ ସପ୍ତାହେକ ଗତ ହେଲା । ମଙ୍ଗଳାଙ୍କ ପୂଜା ଦିନ ପ୍ରବେଶ ହୋଇଲା । ସେ ଦିନରେ ଚାଣ୍ଡାଲୁଣୀ ପ୍ରଭାତୁ ଉଠିଲା । ଏକବର୍ଣ୍ଣୀ ଗାଈର ଯେ ଗୋବର ଆଣିଲା । ଶଉଚ କରିଣ ଘର ବାହାର ଲିପିଲା । ଖଇ ମୁଆଁ ଆଣିବାକୁ ବଜାରକୁ ଗଲା । ଏଣେ ରାଜଦୂତେ ତାର ପୁତ୍ରଙ୍କୁ ହାଣିଲେ । ତୁଳା ପ୍ରାୟ କରି ମାଂସ ଧୂଳିରେ ଫିଙ୍ଗିଲେ । ପୁତ୍ର ମଲେ ବୋଲି ଚାଣ୍ଡାଲୁଣୀ ନଜାଣଇ । ପୂଜାର ଦରବମାନ ବଜାରୁ କିଣଇ । ଲୋକ ଯେ ବୋଲନ୍ତି ତୁଲୋ ଶୁଣ ଚାଣ୍ଡାଲୁଣୀ । ତୋହର ପୁତ୍ରକୁ ରାଜା ପକାଇଲେ ହାଣି ।। ତାହା ଶୁଣି ଚାଣ୍ଡାଲୁଣୀ କାନ୍ଦି ଆସୁଥିଲା । ଆସୁଥିଲେ ମାୟେ ତାଙ୍କୁ ବାଟରେ ଭେଟିଲା ।। ମଙ୍ଗଳା ବୋଲନ୍ତି ତୁଲୋ କାନ୍ଦୁ କାହିଁପାଇଁ । ମୋହର ସେବାରେ ତୁହି ବସିଥାଅ ଯାଇଁ ।। ତାହା ଶୁଣି ଚାଣ୍ଡାଲୁଣୀ ବେଗେ ଚଳିଗଲା । ଝିଅ ବୋହୂ ସଙ୍ଗେ ଘେନି ସେବାରେ ବସିଲା । ଧୂପଦୀପ ନଇବେଦ୍ୟ ଗନ୍ଧପୁଷ୍ପ ଦେଇ । ଉତ୍ତମ ପଦାର୍ଥ ଦେଇ ବିନୟେ କହଇ ।। ଚାଣ୍ଡାଲୁଣୀ ହୀନ ଜାତି ଜାତି ମୋର କେଲା । କିଞ୍ଚିତ ଭକତି ମୋର ଘେନ ମା' ମଙ୍ଗଳା । ଭକ୍ତିପଣ ଦେଖିଣ ମଙ୍ଗଳା ବିଜେ କଲେ । ତାର ପୁତ୍ରମାନଙ୍କୁ ସେ ପ୍ରାଣଦାନ ଦେଲେ । ସେହି ରୂପ ସେହି ଚିହ୍ନ ସେହି ରୂପରେଖ । କେହି ନ ଜାଣନ୍ତି ପ୍ରାଣେ ହୋଇଥିଲେ ହତ । ମାଛ ଶାଗ କାଠପତ୍ର ଘେନିଣ ଅଇଲେ । ଆପଣାର ଘରେ ଯାଇ ପ୍ରବେଶ ହୋଇଲେ ।। ତାହା ଦେଖି ଚାଣ୍ଡାଲୁଣୀ ଆନନ୍ଦ ହୋଇଲା । ଫୁଲ ଯେ ପ୍ରସାଦ ତାର ପୁତ୍ର ମୁଖେ ଦେଲା ।। ମାଂସ ମଦ ଭୁଞ୍ଜିଣ ସେ ଆନନ୍ଦ ହୋଇଲେ । ଦେଖିଯାଇ ରାଜଦୂତେ ରାଜାଙ୍କୁ କହିଲେ ।। ଚାଣ୍ଡାଲୁଣୀ ପୁତ୍ର ବଞ୍ଚି ଅଇଲେ ବୋଇଲେ ତାହା ଶୁଣି ମହାରାଜା ସ୍ତବଧ ହୋଇଲେ ।। କୌଣସି ପ୍ରକାରେ ତାଙ୍କୁ ମାରି ନ ପାରିଲେ । ବୁଦ୍ଧି

ନ ଦିଶଇ ଅହର୍ନିଶି ଚିନ୍ତା କଲେ । ଆରେ ଦୂତମାନେ ତୁମ୍ଭେ ଏମନ୍ତ ଯେ କର ।। ଯତନ କରିଣ ଯେ ନିର୍ମାଣ ଜଉଘର ।। ଆସନ୍ତା ମଙ୍ଗଳବାରେ ତାହାକୁ ହାଣିବ । ଯତନ କରିଣ ଜଉ ଘରରେ ଭରିବ ।। ଜଉ କବାଟ କିଳିଣ ବନ୍ଦ ଯେ କରିବ । ନିର୍ବନ୍ଧ କରିଣ ତହିଁ ଅଗ୍ନି ଲଗାଇବ ।। ଆଜ୍ଞା ପାଇ ଦୂତମାନେ ବେଗେ ଚଳିଗଲେ । ଯତନ କରିଣ ଜଉଘର ବନାଇଲେ । ଏଥୁ ଅନନ୍ତରେ କିଛି ଦିନ ଗଲା ଯହୁଁ । ମଙ୍ଗଳାଙ୍କ ପୂଜାଦିନ ହୋଇଲାକ ତହୁଁ ।। ସେ ଦିନରେ ଚାଣ୍ଡାଳୁଣୀ ପ୍ରଭାତୁ ଉଠିଲା । ପୂର୍ବ ପରକାରେ ଘର ବାହାର ଲିପିଲା ।। ସ୍ନାହାନ କରିଣ ବେଗ ହୋଇଗଲା । ଖଇମୁଆଁ ନବାତ ସେ ବଜାରୁ କିଣିଲା ।। ତହୁଁ ବେଗ ବେଗ ରାଜା ନବରକୁ ଗଲା ।। ଖଇ ମୁଆଁ ଦିଅ ବୋଲି ଯାଇଣ କହିଲା ।। ଏଣେ ଦୂତମାନେ ତା'ର ସାତ ପୁତ୍ର ହାଣି । ଜଉ ଘରେ ଭରି ଅଗ୍ନି ଲଗାଇଲେ ପୁଣି । ପୁତ୍ରେ ମଲେ ବୋଲି ଚାଣ୍ଡାଳୁଣୀ ନ ଜାଣଇ । ପୂଜାବିଧିମାନ ସେ ଯେ ଖୋଜିଣ ଆଣଇ ।। ଲୋକ ଯେ ବୋଇଲେ ତୁଲୋ ଶୁଣ ଚାଣ୍ଡାଳୁଣୀ । ତୋର ପୁତ୍ରମାନ ରାଜା ମାଇଲେକ ପୁଣି । ଜଉ ଘରେ ପୁରାଇଣ ଅଗ୍ନି ଲଗାଇଲେ । କିସ କିସ ଲୋଡ଼ ତୁହି କହୁଛୁ ଭଲେ । ତାହା ଶୁଣି ଚାଣ୍ଡାଳୁଣୀ ବିକଳ ହୋଇଲା । ଆଗାଧ ସମୁଦ୍ରେ ମୋର ଭେଳା ଯେ ବୁଡ଼ିଲା । ଆରେ ଆରେ ପୁତ୍ର ମୋର କେଣେ ଛାଡ଼ିଗଲ । ଅପୁତ୍ରିକ ଦଶା ବାବୁ ମୋତେ ଯେ ବିହିଲ । ଚାଣ୍ଡାଳୁଣୀ ଏହିପରି କାନ୍ଦି ଆସୁଥିଲା । ଆସୁଥିଲେ ମାୟେ ତାଙ୍କୁ ବାଟରେ ଭେଟିଲା । ମଙ୍ଗଳା ବୋଲନ୍ତି ତୁଲୋ କାନ୍ଦୁ କାହିଁପାଇଁ । ଯା ଯା ତୋର ପୁତ୍ରକୁ ମୁଁ ଦେବଇଁ ଜୀଆଁଇଁ ।। ତାହା ଶୁଣି ଚାଣ୍ଡାଳୁଣୀ ବେଗେ ଚଳିଗଲା । ଆପଣାର ଘରେ ଯାଇ ପ୍ରବେଶ ହୋଇଲା ।। ପୂର୍ବ ପରକାରେ ପୂଜା ବିଧି ଯେ ଭିଆଇ । ଗଙ୍ଗାଜଳ ସଞ୍ଚି ତହିଁ ବସିଥିଲା ଯାଇ । ଧୂପ ଦୀପ ନଇବେଦ୍ୟ ଗନ୍ଧ ପୁଷ୍ପ ଦେଲା । ଅପୂର୍ବ ପଦାର୍ଥମାନ ସବୁ ସମର୍ପିଲା । ଛେଳି ଯେ ତହିଁ କୁକୁଡ଼ା ବଳିଦାନ ଦେଇ । ଶଙ୍ଖ ହୁଳହୁଳି ଦେଇ ବିନୟେ କହଇ ।। ଏମନ୍ତ ସମୟେ ତାର ସାତ ପୁତ୍ର ଗୋଟି । ଅପୂର୍ବ ଅଧିକ ତା'ର ରୂପରେଖ ଦିଶି । କେତେବଡ଼ ଅଗ୍ନିରେ ନୋହିଲେ ପ୍ରାଣେ ନାଶ ।। ଦେଖିଣ ମଙ୍ଗଳା ଯେ ହୋଇଲେ ହସହସ । ଦିହୁଡ଼ି ପରାୟେ ଅଗ୍ନି ଜଳୁଅଛି ଯହୁଁ ଲୋକଲୋଚନକୁ ଭୟ ଦିଶୁଅଛି ତହୁଁ । ନିଜ ଘର ପାଶେ ଯାଇ ମଙ୍ଗଳା ଡାକିଲେ । ଘରକୁ ଯେ ଯାଅ ବାବୁ ବୋଲିଣ ବୋଇଲେ । ଶୁଣି ପୋଏ ଆସନ୍ତି ଯେ ଖରତର ହୋଇ । ଜଉଘର ଅଗ୍ନି ତାଙ୍କୁ ଶୀତଳ ଲାଗଇ ।। ମାଛ ଶାଗ କାଠପତ୍ର ଘେନିଣ ଅଇଲେ । ଆପଣାର ଘରେ ଯାଇ ପ୍ରବେଶ ହୋଇଲେ ।। ତାହା ଦେଖି ଚାଣ୍ଡାଳୁଣୀ ଆନନ୍ଦ ହୋଇଲା । ବେଗ ବେଗ କରି ପୂଜା ବିଧି ଯେ ସାରିଲା । ପୂଜାସାରି ଚାଣ୍ଡାଳୁଣୀ ଦଣ୍ଡବତ କଲା । ଫୁଲ ପରସାଦାଦି ତା'ର ପୁତ୍ର ମୁଣ୍ଡେ ଦେଲା ।। ଖଇମୁଆଁ ନବାତ ଶାକର ଚିନି ଖଇ । ଆନନ୍ଦ ହୋଇଲେ ତା'ର ପୁତ୍ରମାନେ ଖାଇ ।। ଛେଳି ଯେ କୁକୁଡ଼ା ବଳିଦାନ ଦେଇଥିଲେ । ମାଂସ ମଦ ଖାଇଣ ସେ ଆନନ୍ଦ ହୋଇଲେ ।। ତାହା ଦେଖି ରାଜଦୂତେ ବେଗେ ଚଳିଗଲେ । ରାଜାର ଅଗ୍ରତେ ଯାଇ ବାରତା କହିଲେ ।। ପାଦେ ପଡ଼ି କରଯୋଡ଼ି ଜଣାଇଲେ ଦୂତେ । ଜଉଘରେ ମଲାଲୋକେ ଅଇଲେ ତୁରିତେ ।। ତାହା ଶୁଣି ମହାରାଜା ବିସ୍ମୟ ହୋଇଲେ । ଆପଣେ ଆପଣା ମନେ ମନେ ଚିନ୍ତାକଲେ ।। ବାଇକି ବାତୁଳ ମୋର ବୁଦ୍ଧି ହେଲା ହୀନ । ପାପପୁଣ୍ୟ ବିଚାର ନକଲା ମୋର ମନ ।। ବୁଦ୍ଧିମନ୍ତ ଥିଲେ ମୁଁ କି ଏମନ୍ତ କରନ୍ତି । ଏହି ରୂପେ ଧରି ମୁହିଁ କାଳକ ନବର୍ତ୍ତି ।। ପୂର୍ଣ୍ୟକଲା ଲୋକମାନେ ସ୍ୱର୍ଗରେ ବସନ୍ତି । ପାପକଲା ଲୋକମାନେ ନରକେ ପଡ଼ନ୍ତି । ଏହାଭାବି ମହାରାଜା

ଆପଣେ ଉଠିଲା । ଡାକରମାନଙ୍କୁ ଡାକି ବଚନ ବୋଇଲା ॥ ଚାଲ ଚାଣ୍ଡାଳୁଣୀ ଘର ଯିବା ବେଗ ହୋଇ । ତାହାର ସଙ୍ଗରେ ମିତ୍ର ହୋଇବଇଁ ମୁହିଁ ॥ କେବଣ ଦେବତା ପୂଜା କରୁଅଛି ସେହି । ତାହାପାଦେ ଆମ୍ଭେ ପୂଜା କରିବା ହେ ଯାଇ ॥ ଏତେ ବୋଲି ମହାରାଜା ବିଜେ କରିଗଲେ । ଚାଣ୍ଡାଳୁଣୀ ଦ୍ୱାରେ ଯାଇ ପ୍ରବେଶ ହୋଇଲେ । ତାହା ଦେଖି ଚାଣ୍ଡାଳୁଣୀ ପାଦରେ ପଡ଼ିଲା । ଉଠି କରପତ୍ର ଯୋଡ଼ି ଛାମୁରେ କହିଲା । କି ନିମନ୍ତେ ମହାରାଜା ବିଜୟେ ହୋଇଲା । ଆଚମ୍ଭିତ ହୋଇ ମତେ ତାଟକ ଲାଗିଲା ॥ ରାଜା ବୋଲୁଛନ୍ତି ତୁଲୋ ଶୁଣ ଚାଣ୍ଡାଳୁଣୀ । ତୋହର ସଙ୍ଗରେ ମିତ୍ର ହୋଇବଇଁ ପୁଣି ॥ ବହୁତ ପ୍ରକାର ଶାସ୍ତି ଦେଲି ଯେ ତୁମ୍ଭଙ୍କୁ । ଆସିଅଛି ଦୋଷାଦୋଷ କ୍ଷମା ମାଗିବାକୁ ॥ କେଉଁ ଦେବତାଙ୍କୁ ପୂଜା କରୁଅଛ ତୁମ୍ଭେ । ଆମ୍ଭ ରାଣୀ ପୂଜା ଯେ କରିବେ ତୁମ୍ଭ ସଙ୍ଗେ । ଚାଣ୍ଡାଳୁଣୀ ବୋଲୁଅଛି ଆହେ ମହାରାଜା । ଛେଳି ଯେ କୁକୁଡ଼ା ଆମ୍ଭ ମଙ୍ଗଳାଙ୍କ ପୂଜା ହୀନଜାତି ସଙ୍ଗେ ତୁମ୍ଭେ ମଇତ୍ର ହୋଇବ । ଛେଳି ଯେ କୁକୁଡ଼ା ମଦମାଂସ ହିଁ ଖାଇବ ॥ ତେବେ ତୁମ୍ଭ ସଙ୍ଗେ ମିତ୍ର ହୋଇବଇ ମୁହିଁ । ନୋହିଲେ ମୋ ପ୍ରୟୋଜନେ ଏତେ କିଛି ନାହିଁ ॥ ତାହା ଶୁଣି ମହାରାଜା ସନମତ କଲେ । ଚାଣ୍ଡାଳୁଣୀ ସଙ୍ଗରେ ମଇତ୍ର ହୋଇଲେ ।

## ଶ୍ରୀ ଭଗବାନ ଉବାଚ

ଶ୍ରୀକୃଷ୍ଣ ବୋଲନ୍ତି ତୁମ୍ଭେ ଶୁଣ ହେ ଅର୍ଜ୍ଜୁନ । ଚାଣ୍ଡାଳୁଣୀ ସଙ୍ଗେ ମିତ୍ର ହେଲେକ ରାଜନ ॥ ଏଥୁ ଅନନ୍ତରେ କିଛିଦିନ ଗତ ହେଲା । ମଙ୍ଗଳାଙ୍କ ପୂଜାଦିନ ପ୍ରବେଶ ହୋଇଲା ॥ ସେ ଦିନରେ ଚାଣ୍ଡାଳୁଣୀ ପ୍ରଭାତୁ ଉଠିଲା । ଏକବର୍ଣ୍ଣୀ ଗାଈର ଯେ ଗୋବର ଆଣିଲା ॥ ଉତ୍ତମ କରିଣ ଘର ବାହାର ଲିପିଲା । ଖଇ ମୁଆଁ ଆଣିବାକୁ ବଜାରକୁ ଗଲା ॥ ସେଦିନରେ ମହାରାଜା ପ୍ରଭାତୁ ଉଠିଲେ । ଢେଙ୍ଗୁରା ପିଟାଇଣ ଡାକ ଯେ ଦିଆଇଲେ । ଆଜି ନଗ୍ରନାରୀମାନେ ସମସ୍ତେ ଯେ ଯିବା । ଚାଣ୍ଡାଳୁଣୀ ଦ୍ୱାରେ ଯାଇ ମଙ୍ଗଳା ସେବିବା । ଏହା ବୋଲି ଦୂତମାନେ ଡାକ ଯେ ଦିଅନ୍ତି । ନ ଜାଣିଲା ଲୋକଙ୍କୁ ଯେ ବୁଝାଇ କହନ୍ତି ॥ ତାହା ଶୁଣି ନଗ୍ରନାରୀ ଗଲେକ ସମସ୍ତେ । ଚାଣ୍ଡାଳୁଣୀ ଦ୍ୱାରେ ଯାଇ ପ୍ରବେଶ ହୋଇଲେ । ପାଦଗତି ହୋଇ ରାଣୀ ବିଜେ କରିଗଲେ । ଚାଣ୍ଡାଳୁଣୀ ଦ୍ୱାରେ ଯାଇ ପ୍ରବେଶ ହୋଇଲେ ॥ ସେହି ଚାଣ୍ଡାଳୁଣୀ ବଜାରକୁ ଯାଇଥିଲା । ଆପଣା ଗୃହରେ ଆସି ପ୍ରବେଶ ହୋଇଲା ॥ ବେଦୀର ଉପରେ ଏକ ଘଟ ଯେ ବସାଇ । ଗଙ୍ଗାଜଳ ସିଞ୍ଚି ପାଶେ ବସିଲାକ ଯାଇ ॥ ଧୂପ ଦୀପ ନଇବେଦ୍ୟ ଗନ୍ଧ ପୁଷ୍ପ ଦେଇ । ଜୟ ମା ମଙ୍ଗଳା ବୋଲି ବିନୟେ କହଇ ॥ ରାଜ୍ୟ ନରନାରୀ କରପତ୍ର ଯେ ଯୋଡିଲେ । ଜୟ ମା ମଙ୍ଗଳା ବୋଲି ଉଚ୍ଚେ ଡାକ ଦେଲେ ॥ ଶଙ୍ଖ ହୁଳହୁଳି ଦ୍ୟନ୍ତି ଚାଣ୍ଡାଳୁଣୀ ଗୃହ । ମୁଖର ଶବଦ ଯେ ଶୁଭଇ ଗହଗହ ॥ ଏମନ୍ତ ପ୍ରକାରେ ପୂଜାବିଧି ହିଁ ସାରିଲେ । ଫୁଲ ପ୍ରସାଦ ମା'ଙ୍କର ଶିରରେ ଘେନିଲେ ॥ ରାଜାରାଣୀ ନଗ୍ରଲୋକେ ପୂଜା ଯେ ସାରିଲେ । ଜୟ ମା ମଙ୍ଗଳା ବୋଲି ଦଣ୍ଡବତ କଲେ ॥ ଫୁଲ ପ୍ରସାଦ ମା'ଙ୍କର ଶିରରେ ଘେନିଲେ । ମଙ୍ଗଳା ସୁମରି କେନ୍ଦୁତାର ହିଁ ଖାଇଲେ । ଏଥୁ ଅନନ୍ତରେ ତୁମ୍ଭେ ଶୁଣ ହେ ଅର୍ଜ୍ଜୁନ । ମଦ ମାଂସ ଭୁଞ୍ଜିବାକୁ ବସିଲେ ରାଜନ ॥ ତାହା ଦେଖି ମଙ୍ଗଳା ଯେ ଆନନ୍ଦ ହୋଇଲେ, ରାଜାର ଭକତି ଦେଖି ପ୍ରସନ୍ନ ହୋଇଲେ ॥ ମଦ ମାଂସ ଭୁଞ୍ଜି ରାଜା ବସିଲେକ ଯହୁଁ । ଦେଖୁ ଦେଖୁ ମଦ ଦୁଗ୍ଧ ପାଲଟିଲା ତହୁଁ ଅମୃତ ହୋଇଲା ମାଂସ ମଦ ହେଲା ଦୁଗ୍ଧ । ଦେଖିଣ ସେ ମହା ରାଜା ହୋଇଲେ ସ୍ତବ୍ଧ ॥

ଧନ୍ୟ ଧନ୍ୟ ମଙ୍ଗଳା ଗୋ ବୋଲିଣ ବୋଇଲେ । ମଙ୍ଗଳା ସୁମରି ସେହୁ ଭୁଞ୍ଜିଣ ବସିଲେ ॥ ଆଚମନ ସାରି ରାଜା ବିଜେ କରିଗଲେ ॥ ଆପଣା ନବରେ ଯାଇ ପ୍ରବେଶ ହୋଇଲେ । ରାଜ୍ୟ ନରନାରୀମାନେ ସମସ୍ତେ ଯେ ଗଲେ ॥ ଆପଣା ଆପଣା ଘରେ ପ୍ରବେଶ ହୋଇଲେ । ଏଥୁ ଅନନ୍ତରେ ତୁମ୍ଭେ ଶୁଣ ହେ ଅର୍ଜ୍ଜୁନ । ସେହିଦିନେ ଗର୍ଭବାସ ହେଲେ ସ୍ତିରୀ ମାନ ॥ ଦଶମାସ ଦଶଦିନ ହୋଇଲାକ ପୁଣି । ପେଟ ତ ବଥାଇ କରୁଅଛି କିଣିକିଣି ॥ ଏହି ରୂପେ ପୁତ୍ର ଯେ ଦୁହିତା କଲେ ଜାତ । ମଙ୍ଗଳା ସୁମରି ମନେ ହୁଅନ୍ତି ଉସତ । ରାଣୀ ମହାଦେଈ ସେ ଆନନ୍ଦ ହେଲେ ତହୁଁ । ରାଜ୍ୟ ନରନାରୀଙ୍କ ଆନନ୍ଦ କିଏ କହୁ ॥

## ଶ୍ରୀ ଭଗବାନ ଉବାଚ

ଶ୍ରୀକୃଷ୍ଣ ବୋଇଲେ ତୁମ୍ଭେ ଶୁଣ ହେ ଅର୍ଜ୍ଜୁନ । ଏହିରୂପେ ତାହାଙ୍କୁ ଯେ ଦେଲେ ପୁତ୍ରଦାନ ॥ ଏହି ରୁପେ ମଙ୍ଗଳାଙ୍କ ପୂଜା ଯେ କରିବ । ଦିନୁଦିନ ବଂଶ ତା'ର ବର୍ଦ୍ଧିତ ହୋଇବ ॥ ଧନ ଜନ ପୁତ୍ର ବିତ୍ତ ଆବର ଦୁର୍ଗତି । ମଙ୍ଗଳା ସେବାରେ ଆଉ ନ ଥାଉ ବିପତ୍ତି । ଅର୍ଜ୍ଜୁନଙ୍କୁ ବୁଝାଇ କହନ୍ତି ପୀତବାସ । ଭାବରେ ଭଣିଲେ ଏହା ବଳରାମ ଦାସ ॥

॥ ଇତି ଶ୍ରୀ ଚୈତ୍ର ମଙ୍ଗଳା ଓଷା କଥା ସମ୍ପୂର୍ଣ୍ଣ ॥

odia.org

*ଓଡିଆ ଘର ଏବଂ ଓଷା ଉପାସ ପରସ୍ପର ଅଙ୍ଗାଙ୍ଗୀଭାବେ ଜଡିତ । କିନ୍ତୁ ଓଡିଶା ବାହାରେ ରହୁଥିବା ଓଡିଆ ମନଙ୍କର ଓଷା ଓ ବ୍ରତ ପାଳନ କରିବାକୁ ଇଛା ଥିଲେହେଁ, ପୁସ୍ତକର ଘୋର ଅଭାବ ଯୋଗୁଁ ଏ ସଂସ୍କୃତି ଲୁପ୍ତପ୍ରାୟ । ଏଣୁ ଏ ସମସ୍ତ ପୁସ୍ତକ ଯୋଗାଇବା ନିମନ୍ତେ ଏହା ଆମର ଏକ କ୍ଷୁଦ୍ର ପ୍ରଚେଷ୍ଟା ।*

*ଏଥିଯୋଗୁଁ ଓଷା ଓ ବ୍ରତ ପାଳନ କରିବାକୁ ଅନେକ ଓଡିଆ ଆଗଭର ହେବେ ଏବଂ ଆମର ସଂସ୍କୃତିର ସୁରକ୍ଷାଦିଗରେ ସତତ ଚେଷ୍ଟା କରିବେ । ଏହାହିଁ ଆମର କାମ୍ୟ ।*

*- ଓଡିଆ ଡଟ୍ ଅର୍ଗ ପରିବାର*



**ଆସନ୍ତୁ, ପାଦେ ଆଗେଇବା**